# NATIONAL NEWS BULLETIN (ODIA)

**25 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ବୃଦ୍ଧି ପାଇଛି ପ୍ରଚାରକାର୍ଯ୍ୟ ।
- ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ଫର୍ମ -୧୭(ଏ) ମତଦାତା ରେଜିଷ୍ଟରର ଶେଷ ହୋଇଛି ଯାଞ୍ଚ ପ୍ରକ୍ରିୟା ।
- ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ଯୁଦ୍ଧବିରତି ନେଇ ଆମେରିକା ଓ ଇରାନ୍ ମଧ୍ୟରେ ଇସ୍‌ଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ନେଇ ପ୍ରକ୍ରିୟା ଆରମ୍ଭ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ଦୁଇଟି ମ୍ୟାଚ୍ ।

---

## ଡବ୍ଲ୍ୟୁବି ଇଲେକ୍ସନ

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନେଇ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାରକାର୍ଯ୍ୟ ବୃଦ୍ଧି ପାଇଛି । ଦଳଗୁଡ଼ିକର ପ୍ରମୁଖ ତଥା ଶୀର୍ଷ ନେତୃତ୍ୱ, ବିଭିନ୍ନ ସ୍ଥାନରେ ଜନ ସମାବେଶ ଏବଂ ରୋଡ ଶୋ' ମାଧ୍ୟମରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ

ପ୍ରଚାରକାର୍ଯ୍ୟ କରୁଛନ୍ତି । ଆଶାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ପ୍ରଥମ ପର୍ଯ୍ୟାୟ ନିର୍ବାଚନରୁ ବିଜେପି ଉଲ୍ଲେଖନୀୟ ପ୍ରଦର୍ଶନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଶର୍ମା କହିଛନ୍ତି ଉଭୟ ଆସାମ ଏବଂ ପଶ୍ଚିମବଙ୍ଗରେ ବିଜେପି ଭଲ ପ୍ରଦର୍ଶନ କରିବ । ପଶ୍ଚମବଙ୍ଗରେ ୨୯୪ରୁ ୨୦୦ଟି ଏବଂ ଆସାମରେ ୧୨୬ଟି ୧୦୦ଟି ଆସନ ବିଜେପି ଅକ୍ତିଆର କରିବ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ନେତା କୁନାଲ ଘୋଷ କହିଛନ୍ତି ପଶ୍ଚିମବଙ୍ଗ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟରେ ଟିଏମ୍‌ସି ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି । ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ପୁର୍ନବାର କ୍ଷମତାକୁ ଫେରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ ଏବଂ ଅଖିଳେଶ ପ୍ରସାଦ ସିଂହ ଦାବି କରିଛନ୍ତି ପଶ୍ଚିମବଙ୍ଗରେ ବିଧାନସଭା ଗଠନରେ କଂଗ୍ରେସ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଆସନ୍ତା ୨୯ ତାରିଖରେ ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ ।

## ଡବ୍ଲ୍ୟୁବି-ସିଓପି ସସ୍‌ପେଣ୍ଡେଡ

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନରେ କେତେକ ଅଭିଯୋଗ ଆଧାରରେ ୫ଜଣ ପୁଲିସ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ନିର୍ବାଚନ

କମିଶନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ସମୟରେ ଦୁର୍ବ୍ୟବହାର ଏବଂ ନିରପେକ୍ଷତା ବଜାୟ ରଖିବାରେ ବିଫଳ ହୋଇଥିବା ନେଇ ସେମାନଙ୍କ ବିରୋଧରେ ଅଭିଯୋଗ ରହିଛି । କମିଶନଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ନିଲମ୍ବିତ ପୁଲିସ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ।

## ଇସିଆଇ-ସ୍କ୍ରୁଟିନି ୧୭ଏ

ନିର୍ବାଚନ ଆୟୋଗ କହିଛନ୍ତି ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ଫର୍ମ ୧୭ (ଏ)-ମତଦାତା ରେଜିଷ୍ଟରର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ନିର୍ବାଚନ ଆୟୋଗ ଏ ସଂକ୍ରାନ୍ତରେ ଏକୀକୃତ ନିର୍ଦ୍ଦେଶାନାମା ଜାରି କରିଛନ୍ତି । ନିର୍ବାଚନରେ ସ୍ୱଚ୍ଛତା ଅବଲମ୍ବନ ତଥା ଭୋଟ୍ କେନ୍ଦ୍ର ଗୁଡ଼ିକରେ ଅନିୟମିତତା ହ୍ରାସ କରିବା ପାଇଁ ଆୟୋଗ ଏହି ପଦକ୍ଷେପ ନେବା ସହ ଆବଶ୍ୟକ ସ୍ଥଳେ ପୁନଃ ନିର୍ବାଚନ କରିବାକୁ ସୁପାରିଶ କରିଥାନ୍ତି । ପଶ୍ଚିମବଙ୍ଗରେ ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ୧୫୨ଟି ବିଧାନସଭା ଆସନ ପାଇଁ ଏହି କାଗଜପତ୍ର ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ସୁଚାରୁରୂପେ ସମ୍ପନ୍ନ ହୋଇଛି । ଏହି ଯାଞ୍ଚ ପ୍ରକ୍ରିୟା ସାଧାରଣ ପର୍ଯ୍ୟବେକ୍ଷକ ତଥା ୬୦୦ରୁ ଅଧିକ ପ୍ରାର୍ଥୀ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା । ଏକହଜାର ୪୭୮ ପ୍ରାର୍ଥୀଙ୍କୁ ଏ ବିଷୟରେ ପୂର୍ବରୁ ଅବଗତ କରାଯାଇଥିଲା ।

ତାମିଲନାଡୁରେ ମଧ୍ୟ ଅନୁରୂପ ଭାବେ ଏହି ଯାଞ୍ଚ ପ୍ରକ୍ରିୟା ସଫଳତାର ସହ ଶେଷ କରାଯାଇଛି । ରାଜ୍ୟର ୨୩୪ଟି ବିଧାନସଭା ଆସନରେ ୧ହଜାର

୮୨୫ଜଣ ପ୍ରାର୍ଥୀ ଅବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଶେଷ ହୋଇଛି । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ତଥା ସତ୍ୟତା ଅବଲମ୍ବନ କରିବା ପାଇଁ ଏହି ପ୍ରକ୍ରିୟା କରାଯାଇଥାଏ ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ୱେଷ୍ଟଏସିଆ ସିଜ୍‌ଫାୟାର

ଇସ୍ରାଏଲ ଓ ହିଜ୍‌ବୁଲ୍ଲା ମଧ୍ୟରେ ଜାରି ରହିଥିବା ସଂଘର୍ଷ ସତ୍ତ୍ୱେ ପଶ୍ଚିମ ଏସିଆରେ କୂଟନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଯୁଦ୍ଧବିରତି

ନେଇ ଆଲୋଚନା କରିବା ଲକ୍ଷ୍ୟରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଅଲ୍ଲୀ ଆବାସ ଆର୍‌ଘାଚି ଇସ୍‌ଲାମାବାଦରେ ପହଞ୍ଚି ସାରିଛନ୍ତି । ତେବେ ଶ୍ରୀ ଆରଘାଚି କହିଛନ୍ତି ଆମେରିକା ସହ ଯୁଦ୍ଧବିରତି ନେଇ କୌଣସି ପ୍ରକାର ସିଧାସଳଖ ଆଲୋଚନା କରାଯିବ ନାହିଁ । ତେହେରାନ୍‌ର ପ୍ରସ୍ତାବ ସମ୍ପର୍କରେ ଇସ୍‌ଲାମାବାଦକୁ ଜଣାଇ ଦିଆଯିବ ବୋଲି ଶ୍ରୀ ଆର୍‌ଘାଚି କହିଛନ୍ତି । ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟ ୱାଶିଂଟନ ସହିତ କୌଣସି ସିଧାଳସଳଖ ବୈଠକର ଯୋଜନା ନାହିଁ ବୋଲି ସ୍ପଷ୍ଟକରିଛି ।

ଇତିମଧ୍ୟରେ ମିଳିଥିବା ସୂଚନା ଅନୁଯାୟୀ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଶ୍ରୀ ଆର୍‌ଘାଚି ଇସ୍‌ଲାମାବାଦଠାରେ ପାକିସ୍ତାନର ଫିଲ୍ଡ ମାର୍ଶଲ ଅସୀମ ମୁନିର୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ପାକିସ୍ତାନରେ ବୈଠକ ପରେ ଶ୍ରୀ ଆର୍‌ଘାଚି ଓମାନ ଓ ରୁଷ୍ ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ ଆମେରିକାର ପ୍ରତିନିଧି ମଣ୍ଡଳୀ ଇସ୍‌ଲାମାବାଦରେ ଆଲୋଚନା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ରାଷ୍ଟ୍ରପତିଙ୍କ ବିଶେଷ ଦୂତ ଷ୍ଟିଭ୍ ୱିଟ୍‌ଅଫ୍ ଏବଂ ବରିଷ୍ଠ ପରାମର୍ଶଦାତା ଜ୍ୟାରେଡ କୁଶନର ଇସଲାମାବାଦ ଯାତ୍ରା କରିବେ । ଉପରାଷ୍ଟ୍ରପତି ଜେ.ଡି.ଭାନ୍ସ ଯାତ୍ରା କରୁନଥିଲେ ମଧ୍ୟ ଏହି ବୈଠକ ପାଇଁ ଅନ୍ୟତମ ବିକଳ୍ପ ଭାବେ ରହିଛନ୍ତି ବୋଲି ହ୍ୱାଇଟ୍ ହାଉସ୍ କହିଛି । ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ହ୍ୱାଇଟ୍‌ହାଉସ୍ ଗଣମାଧ୍ୟମ ସଚିବ କାରୋଲିନ୍ ଲିଭିଟ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଆମେରିକା ସିଧାସଳଖ ଆଲୋଚନା ପାଇଁ ପ୍ରସ୍ତୁତ ରହିଛି । ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏବଂ ଜାତୀୟ ସୁରକ୍ଷା ଦଳ

ସହ ସମନ୍ୱୟ ରକ୍ଷା ମାଧ୍ୟମରେ ଉପରାଷ୍ଟ୍ରପତି ଶ୍ରୀ ଭାନ୍ସ ଓ୍ୱାଶିଂଟନ୍‌ରୁ ଏହି ଆଲୋଚନା ପାଇଁ ସହଯୋଗ ପ୍ରଦାନ କରିବେ ।

ଆମେରିକାର ପ୍ରତିରକ୍ଷା ସଚିବ ପିଟ ହେଗସେଥ୍ କହିଛନ୍ତି ଆମେରିକା ସହ ଏକ ଉତ୍କୃଷ୍ଟ ଚୁକ୍ତି ନେଇ ଇରାନ୍ ସମ୍ମୁଖରେ ସୁଯୋଗ ରହିଛି । ଅର୍ଥପୂର୍ଣ୍ଣ ତଥା ଯାଞ୍ଚ ଯୋଗ୍ୟ ମାଧ୍ୟମରେ ଇରାନ୍‌କୁ ପରମାଣୁ ଅସ୍ତ୍ର ପରିତ୍ୟାଗ କରିବାକୁ ପଡିବ ବୋଲି ଶ୍ରୀ ହେଗସେଥ୍ କହିଛନ୍ତି ।

## ଟ୍ରମ୍ପ-କାଶ ପଟେଲ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଫ୍‌ବିଆଇ ନିର୍ଦ୍ଦେଶକ କାଶ ପଟେଲଙ୍କ ଦକ୍ଷତା ପ୍ରତି ଆସ୍ଥା ପ୍ରକଟ କରିଛନ୍ତି । ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯୁକ୍ତରାଷ୍ଟ୍ର ଆମେରିକାରେ ଅପରାଧ ହାର ହ୍ରାସ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି ।  ହ୍ୱାଇଟ୍ ହାଉସ୍ ଗଣମାଧ୍ୟମ ସଚିବ କାରୋଲିନ୍ ଲିଭିଟ୍ କହିଛନ୍ତି ଏବେ ମଧ୍ୟ ଶ୍ରୀ ପଟେଲଙ୍କ ଉପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବିଶ୍ୱାସ ରହିଛି । ଆଇନ୍‌ଶୃଙ୍ଖଳା ଦାୟିତ୍ୱରେ ଥିବା ତାଙ୍କ ଦଳ ଗତ ଦେଢ଼ବର୍ଷ ଧରି ଯେଉଁ କାର୍ଯ୍ୟ କରୁଛି ତାହା ପ୍ରଶଂସନୀୟ ବୋଲି ସେ କହିଛନ୍ତି ।

ଶ୍ରୀମତୀ ଲିଭିଟ୍ କହିଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାରେ ଅପରାଧ ହାର ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିଛି । ସୂଚନାଯୋଗ୍ୟ ସେଠାରେ ଅପରାଧ ହାର

ବୃଦ୍ଧି ପାଇବା ନେଇ ବିରୋଧୀ ପକ୍ଷରୁ ପ୍ରଶ୍ନ କରାଯାଇଥିବା ଉତ୍ତରରେ ଶ୍ରୀ ଲିଭିଟ୍ ଏହା କହିଛନ୍ତି ।

# ଭିପି-ଜୟପୁର

କର୍କଟରୋଗକୁ ପ୍ରତିହତ କରିବାରେ ମାନସିକ ଶକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି । ଜୟପୁରଠାରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ସମାରୋହରେ ଆଜି ଯୋଗଦେଇ ଶ୍ରୀ ରାଧାକୃଷ୍ଣନ' କର୍କଟ ରୋଗକୁ ପ୍ରତିହତ କରିବା ପାଇଁ ନିଶା ଏବଂ ତମାଖୁ ସେବନ ଠାରୁ ଦୂରେଇ ରହିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । କର୍କଟରୋଗ ସମ୍ପର୍କରେ ସଚେତନତା ବୃଦ୍ଧି ଉପରେ ଶ୍ରୀ ରାଧାକୃଷ୍ଣନ ଗୁରୁତ୍ୱପ୍ରଦାନ କରିଛନ୍ତି । ପ୍ରତିବର୍ଷ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଏକ ଚିନ୍ତାର କାରଣ । ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି କହିଛନ୍ତି ଏଭଳି ପଦକ୍ଷେପ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ସୁବିଧା ସୁଯୋଗ ପ୍ରଦାନ କରିପାରୁଛି ।

# ୱାର୍ଲ୍ଡ ଭେଟେରିନାରୀ ଡେ

ଏପ୍ରିଲ ମାସ ଶେଷ ଶନିବାର ଅବସରରେ ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କରାଯାଉଛି । ପଶୁ ଓ ପକ୍ଷୀଙ୍କ ପ୍ରତି ଯତ୍ନବାନ୍ ହେବାପାଇଁ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଚଳିତବର୍ଷର ବାର୍ତ୍ତା ରହିଛି 'ପଶୁ ଚିକିତ୍ସକ : ପଶୁଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ସୁରକ୍ଷା ପ୍ରଦାନକାରୀ' । ଅଗରତାଲାର ସ୍ୱାମୀ ବିବେକାନନ୍ଦ ମଇଦାନ ନିକଟସ୍ଥ ଭେଟେରୀନାରୀ ପରିଷଦ ସମ୍ମୁଖରୁ ଏହି ଅବସରରେ ଏକ ର୍‌ୟାଲି ବାହାରି ସହର ପରିକ୍ରମା କରିଥିଲା । ଏଥିରେ ପଶୁ ଚିକିତ୍ସକଙ୍କ ସଂଘର କର୍ମକର୍ତ୍ତାମାନେ ଯୋଗଦେବା ସହ ସହର ପରିକ୍ରମା କରି ପଶୁମାନଙ୍କର ମଙ୍ଗଳ କରିବାକୁ ଜନସଚେତନତା ସୃଷ୍ଟି କରିଥିଲେ ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଜି ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଅପରାହ୍ନ ସାଢ଼େ ୩ଟାରେ ମ୍ୟାଚ୍ ଆରମ୍ଭ ହେବ । ଅନ୍ୟ ଏକ ମ୍ୟାଚ୍‌ରେ ଜୟପୁରର ସାୱାଇ ମାନସିଂ ଷ୍ଟାଡିୟମଠାରେ ରାଜସ୍ଥାନ ରୟାଲ୍‌ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ରାତି ସାଢ଼େ୭ଟାରେ ଆରମ୍ଭ ହେବ ।

ଗତକାଲି ମ୍ୟାଚ୍‌ରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ’ ଗୁଜରାଟ ଟାଇଟନ୍ସକୁ ୫ ୱିକେଟ୍‌ରେ ପରାସ୍ତ କରିଛି ।